## ସଂକ୍ଷେପରେ

### ଗୁଣପୁର କଲେଜରେ ସ୍ୱଭାବ କବିଙ୍କ ଜୟନ୍ତୀ

ଗୁଣପୁର,୧୨।୮(ଡି.ଏନ୍.ଏ.)-ଗୁଣପୁର କଲେଜରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜର ଭାରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଗୁଡାରି ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧାପକ ଯୋଗେନ୍ଦ୍ର ମେହେର ଯୋଗଦେଇ ଭାରତୀୟ ଆଦର୍ଶବୋଧ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ବିଷୟରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଜଗନ୍ନାଥ ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ଗୋକୁଳାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। ଏଥିପାଇଁ କୁଇଜ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧାପକ ଶଶିଭୂଷଣ ମହାନ୍ତି, ନିରଞ୍ଜନ ଚାନ୍ଦ, ଅଧାପକ ଅମିୟ ରଞ୍ଜନ ମହାନ୍ତି, ଅଧାପିକା ପୁଷ୍ପାଞ୍ଜଳି ସାହୁ, ବନ୍ଦିତା ଧରୁଆ, ଦୀପ୍ତିମୟୀ ବଡରଇତ, ଅଧାପକ ବସନ୍ତ କୁମାର ସାହୁ, ଡୋଳମଣି କୁମ୍ଭାର, ତାମିଲ ପାରାସେଠ, ରମାକାନ୍ତ ସାହୁ, ଏଲ୍ବି ରଇତ, ଲକ୍ଷ୍ମଣ ଶବରଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବଦଳିଲେ ବିଷମକଟକ ବିଡିଓ

ବିଷମକଟକ,୧୨।୮(ଡି.ଏନ୍.ଏ.)- ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ବିଭାଗ ପକ୍ଷରୁ ଅଦଳବଦଳ କରାଯାଇଛି। ଏଥିରେ ରାୟଗଡ଼ା ଜିଲା ବିଷମକଟକ ବିଡିଓ ଆଲବଟ ଲାକ୍ରାଙ୍କୁ ଅନୁଗୋଳ ଜିଲା ଆଠମଲିକ ବିଡିଓ ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ନୂଆପଡ଼ା ଜିଲା ସିନାପାଲି ବିଡିଓ ସହଦେବ ନାୟକଙ୍କୁ ବିଷମକଟକ ବିଡିଓ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି।

### ପୋଖରୀରେ ବୁଡ଼ି ନାବାଳିକା ମୃତ

କାଳିମେଳା,୧୨।୮(ଡି.ଏନ୍.ଏ.)- ରାକ୍ଷୀ ପୂର୍ଣ୍ଣିମାରେ ମା' ସହ ମାମୁଁ ଘରକୁ ବୁଲିବାକୁ ଆସିଥିଲେ। ହେଲେ ପୋଖରୀରେ ବୁଡ଼ି ଜୀବନ ଚାଲିଯାଇଛି। ମାଲକାନଗିରି ଜିଲା କାଳିମେଳା ବ୍ଲକ ନାଲାଗଣ୍ଡି ପଞ୍ଚାୟତର ଏମ୍ଭି ୭୪ ଗ୍ରାମରେ ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଘଟିଛି। ସେ ହେଲେ ଚିତ୍ରଙ୍ଗପଲ୍ଲୀ ପଞ୍ଚାୟତ ଏମ୍ଭି ୯୮ ଗ୍ରାମର ନରେଶ ମଣ୍ଡଳଙ୍କ ଝିଅ ଅଞ୍ଜଳି(୪)। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଅଞ୍ଜଳିଙ୍କ ମା' ଉମା ନିଜ ବାପଘର ଏମ୍ଭି ୭୪ ଅସିଥିଲେ। ଶୁକ୍ରବାର ଅପରାହ୍ନ ୨ଟା ବେଳେ ଅଞ୍ଜଳି ଘରଠାରୁ କିଛିଦୂରରେ ଖେଳୁଥିବା ସମୟରେ ପାଖରେ ଥିବା ଗାଁ ପୋଖରୀରେ ପଡ଼ିଯାଇଥିଲେ। ବହୁ ସମୟ ପରେ ପରିବାର ଲୋକ ଜଣିପାରି ତାଙ୍କୁ ପାଣି ମଧ୍ୟରୁ ଉଦ୍ଧାର କରି କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷାଣ କରିଥିଲେ। ଖବର ପାଇ ଏମ୍ଭି ୭୯ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତ ନାବାଳିକା ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ଚୋରି ବ୍ୟାଟେରି ଜବତ, ଜଣେ ଗିରଫ

ଜୟପୁର,୧୨।୮ (ନି.ପ୍ର.)- ଜୟପୁର ଗାଗନାପୁରସ୍ଥିତ ଏମ୍ଇଆର୍ପିଏଲ ପେପର ମିଲରୁ ବ୍ୟାଟେରୀ ଚୋରି ମାମଲାରେ ଜୟପୁର ସଦର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗାଗନାପୁରର ବାବୁଲି ଡଙ୍ଗରୀ। ପୋଲିସ ସୂଚନାନୁଯାୟୀ ଏମ୍ଇଆର୍ପିଏଲ୍ ପେପର ମିଲ୍ରୁ ୨୪ ଭୋଲ୍ଟର ବ୍ୟାଟେରୀ ଚୋରି ହୋଇଥିବା ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବାବୁଲିଙ୍କଠାରୁ ଚୋରୀ ବ୍ୟାଟେରୀ ଜବତ କରାଯାଇଛି। ଚୋରି ବ୍ୟାଟେରୀ ମୂଲ୍ୟ ୧୪ ହଜାର ଟଙ୍କା ହେବ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ମାଲକାନଗିରି କଲେଜରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ

ମାଲକାନଗିରି,୧୨।୮(ସ୍ୱ.ପ୍ର.)

ମାଲକାନଗିରି କଲେଜରେ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଲେଜର ଭାରପ୍ରାପ୍ତ ଅଧକ୍ଷ ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ମାଲକାନଗିରି ଭାରପ୍ରାପ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ ଯୁବପିଢ଼ି କିପରି ନିଶାଠାରୁ ଦୂରେଇ ରହିବେ ସେ ନେଇ ସଚେତନ କରିଥିଲେ। ମୁଖ୍ୟବକ୍ତା ଭାବେ ଭୁତାଣୁ ବିଶେଷଜ୍ଞ ଦୁର୍ଗା ପ୍ରସାଦ ରାଜ୍ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଶା ସେବନର ଭୟବହତା ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାସ ଯୋଗଦେଇ ନିଶାମୁକ୍ତ ରହି ଏକ ସୁସ୍ଥ ଜୀବନ ଗଠନ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଡିଆଇପିଆର୍‌ଓ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଅଧାପକ ଉମେଶ ଚନ୍ଦ୍ର ରାଉତ, ନିରଞ୍ଜନ ପୁଜାରୀ, ଲିଙ୍ଗରାଜ ମିଶ୍ର, ଜିମୁତ ନାୟକ, ତପନ କୁମାର ବେହେରା, ପ୍ରଦୀପ ଓରାମ, ଅରୁଣ କୁମାର ପାଣ୍ଡରାଙ୍କୀଙ୍କ ସମେତ ସମସ୍ତ ଅଧାପିକା, ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ସଭାରେ ଛାତ୍ରୀଛାତ୍ର ନିଶାଠାରୁ ଦୂରେଇ ରହିବା ନିମନ୍ତେ ଶପଥ ପାଠ କରିଥିଲେ। ଏନ୍‌ଏସ୍‌ଏସ୍, ଯୁବ ରେଡକ୍ରସ ଓ ଏନ୍‌ସିସିର ମିଳିତ ଆନୁକୂଲ୍ୟରେ କର୍ଯ୍ୟକ୍ରମ ହୋଇଥିଲା। ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ଅନେକ ଯୁବଗୋଷ୍ଠୀ ଶପଥପାଠ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅଧାପକ ଗୌତମ ନାୟକ ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ଯୁବ ଦିବସ ମଧ ପାଳିତ ହୋଇଥିଲା।



କଲେଜ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଧାପିକା ଅଧାପକ।


ଲଗାଣବର୍ଷା ଯୋଗୁ ରାୟଗଡ଼ା ଜିଲା ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତର ଖଜୁରି ଗ୍ରାମରେ ଶୁକ୍ରବାର ସକାଳେ ନିୟମଗିରି ପାହାଡ଼ରୁ ଏକ ବଡ଼ ପଥର ଖସି ରାସ୍ତା ଉପରେ ପଡ଼ିଛି।

## ସାଇକେଲରେ ତ୍ରିରଙ୍ଗା ଯାତ୍ରା, ଦୀପଦାନ ଆଜାଦୀ କା ଅମୃତ ମହୋତ୍ସବ

ଗୁଣପୁର,୧୨।୮(ଡି.ଏନ୍.ଏ.)

ଗୁଣପୁରଠାରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୀପଦାନ କାର୍ଯ୍ୟକ୍ରମ ହୋଇଥିଲା। ମହିଳାମାନେ ଯୋଗଦେଇ ସ୍ୱାଧୀନତାର ୭୫ ବର୍ଷ ପାଳନ ଉପଲକ୍ଷେ ୭୫ଟି ଦୀପ ଜାଳିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ବି. ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼ ଏବଂ ସଦସ୍ୟା ପ୍ରତିଭା ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଭାବିକା ଜୟନ୍ତୀ ଦାସ ଦୀପଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଚାର୍ଯ୍ୟା ସଞ୍ଜୁକ୍ତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିଭଳି ଗୁଣପୁର କଲେଜଠାରେ ଏନ୍‌ସିସି ଏବଂ ଏନ୍‌ଏସ୍‌ଏସ୍ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସାଇକେଲ ଯାତ୍ରା ହୋଇଥିଲା। ଛାତ୍ରୀଛାତ୍ର ମାନେ ସାଇକେଲରେ ତ୍ରିରଙ୍ଗା ଧରି ସହର ପରିକ୍ରମା କରିଥିଲେ। ଭାରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରାଧାପକ ଶଶିଭୂଷଣ ମହାନ୍ତିଙ୍କ ସମେତ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଅମିୟ ମହାନ୍ତି, ଦେବିଶ୍ରୀ ମହାପାତ୍ର ଏବଂ ଏନ୍‌ସିସିର କେୟାର ଟେକର ଜିତେନ୍ଦ୍ର ବଡ଼ମୁଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ୫୦ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ।

# ଜେଏମ୍‌ଏଫ୍‌ସି କୋର୍ଟ ପାଇଁ ଭିତ୍ତିଭୂମି ତଦାରଖକଲେ ଜିଲା ଜଜ୍

ମୁନିଗୁଡ଼ା,୧୨।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ମୁନିଗୁଡ଼ାଠାରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ହେବାକୁ ଥିବାବେଳେ ଜିଲା ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ଶୁକ୍ରବାର ମୁନିଗୁଡ଼ା ଗସ୍ତରେ ଆସି ଭିତ୍ତିଭୂମିର ତଦାରଖ କରିଛନ୍ତି। ଜିଲାଜଜ୍‌ଙ୍କ ସହ ପରିବାର ଅଦାଲତର ବିଚାରପତି ଅମୃତା ନନ୍ଦଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ମୁନିଗୁଡ଼ା ଆସିଥିବାବେଳେ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାରେ ପ୍ରେସ୍‌କ୍ଲବ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏଥିସହ ଶୀଘ୍ର ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ନେଇ ଆଲୋଚନା କରାଯାଇଥିଲା। ମୁନିଗୁଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ପୁରାତନ ତହସିଲ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ କୋର୍ଟ ଚାଲୁ କରିବା ନିମନ୍ତେ ଅଧିବକ୍ତା ପ୍ରତିନିଧି ମଣ୍ଡଳୀ ପକ୍ଷରୁ ବୃନ୍ଦାବନ ଗୌଡ଼, ସୁଧାକର ମହାରଣା, ମନୋଜ ପାତ୍ର, ମନୋଜ ସେଠୀ, ମନୋଜ ଚୌଧୁରୀ, କେଶବ ସାହୁ, ଭବାନୀ ଶଙ୍କର ସେନାପତି, ମାନସ ବେହେରା, ପ୍ରଦୀପ କୁମାର ପାଢ଼ୀ, ସୁଧୀର ଚିଚୁଆନ, ଦାମୋଦର ମହାପାତ୍ରଙ୍କ ସମେତ ମୁନିଗୁଡ଼ା ପ୍ରେସ୍ କ୍ଲବର ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ, ମନୋରଞ୍ଜନ ଦଳାଇ ଓ ଗଣେଶ୍ୱର ରାଓ ପ୍ରମୁଖ ଜିଲା ଜଜ୍‌ଙ୍କୁ ଅନୁରୋଧ କରିଥିଲେ। ଜିଲା ଜଜ୍‌ଙ୍କ ପ୍ରତିନିଧି ମଣ୍ଡଳୀ କୋର୍ଟ ସ୍ଥାପନ ହେବାକୁ ଥିବା ସ୍ଥାନ ପରିଦର୍ଶନ କରିଥିଲେ। ଶୀଘ୍ର ମୁନିଗୁଡ଼ାରେ ଅସ୍ଥାୟୀ କୋର୍ଟ ଆରମ୍ଭ ହେବା ଦିଗରେ ସମସ୍ତ ସହଯୋଗ କରିବେ ବୋଲି ଜିଲାଜଜ୍ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅଦାଲତର ମୁଖ୍ୟ କିରାଣି ଏନ୍.ସି. ବିଶ୍ୱାଳ, ନାରାୟଣ ବାବୁ ଓ ସୁମନ ରାଉତ ଉପସ୍ଥିତ ଥିଲେ।

# ମାଲକାନଗିରିରେ କୃମିନାଶକ କାର୍ଯ୍ୟକ୍ରମ ଆରମ୍ଭ

ମାଲକାନଗିରି,୧୨।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜାତୀୟ କୃମି ଦିବସ ସ୍ଥାନୀୟ ବୁଟିଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ କୃମିନାଶକ ଔଷଧ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓ ପ୍ରଫୁଲ୍ଲ କୁମାର ନନ୍ଦ ଉପସ୍ଥିତ ରହି କୃମି ସଂକ୍ରମଣ ଏବଂ ଏହାର ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଏଥିସହ ୧ ରୁ ୧୯ ବର୍ଷ ବୟସ୍କଙ୍କୁ ଆଲବେଣ୍ଡାଜଲ୍ ବଟିକା ଓ ସିରପ୍ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର କିମ୍ବା ସରକାରୀ ବିଦ୍ୟାଳୟରେ ଦେବାପାଇଁ ପରାମର୍ଶ ଦେଇଥିଲେ।ଏହା ବ୍ୟତୀତ ଯେଉଁମାନେ କୌଣସି କାରଣରୁ ଏହି ଔଷଧ ଖାଇ ପାରି ନ ଥିବେ ସେମାନେ ଅଗଷ୍ଟ ୧୯ ରେ ମପ୍‌ଅପ୍ ଦିବସ ଦିନ ଔଷଧ ଖାଇ ପାରିବେ ବୋଲି କହିଛନ୍ତି। ଆଲବେଣ୍ଡାଜଲ ବଟିକା ୬ରୁ ୧୯ବର୍ଷ ବୟସର ପିଲାଙ୍କ ପାଇଁ ୨ ଲକ୍ଷ ବଟିକା ଏବଂ ୧ ବର୍ଷରୁ ୫ ବର୍ଷ ବୟସର ଶିଶୁଙ୍କ ପାଇଁ ୫୬ ହଜାର ସିରପ୍ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିବପ୍ରସାଦ ମହାରଣା, ଶଶିଭୁଷଣ ମହାପାତ୍ର, ଏବିଇଓ ଚିତ୍ତରଞ୍ଜନ ପାଣ୍ଡେ, ଭାରପ୍ରାପ୍ତ ଡିପିଏମ୍ ବନବିହାରୀ ମିଶ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ସିଡିଏମ୍‌ଓ ଜଣେ ଛାତ୍ରଙ୍କୁ କୃମି ଔଷଧ ପ୍ରଦାନ କରୁଛନ୍ତି।

# ୧ରୁ ୧୯ ବର୍ଷର ପିଲାଙ୍କୁ କୃମି ଔଷଧ ପ୍ରଦାନ ଆରମ୍ଭ

ରାୟଗଡ଼ା ଅଫିସ,୧୨।୮

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶୁକ୍ରବାର କୃମିନାଶକ ଔଷଧ ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସିଡିଏମ୍‌ପିଏଚ୍‌ଓ ଡା. ଲାଲମୋହନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲାର ପ୍ରାୟ ୨୪୦୦ ସରକାରୀ ଓ ବେସରକାରୀ ସ୍କୁଲ ଏବଂ ୨୧୦୦ ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କେନ୍ଦ୍ରରେ ୧ରୁ ୧୯ ବର୍ଷର ପିଲାଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବ। ଏହାଦ୍ୱାରା ବିଦ୍ୟାଳୟରେ ଅନୁପସ୍ଥିତି ହ୍ରାସ ହେବା ସହ ପିଲାଙ୍କୁ ଏକ ସୁସ୍ଥ, ପୁଷ୍ଟିକର ପରିବେଶ ପ୍ରଦାନ କରିବାରେ ସହାୟକ ହେବ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ଅଧୀକ୍ଷକ ଡା. ବରଦାକାନ୍ତ ମିଶ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ)ଡା. ରାୟ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡା. ମମତା ଚୌଧୁରୀ ଏବଂ ଏନ୍‌ଏଚ୍‌ଏମ୍‌ର ଜିଲା କାର୍ଯକ୍ରମ ପରିଚାଳକ ଜେ. ରାଜେଶ୍ୱର ରାଓ ପଟ୍ଟନାୟକ, ପ୍ରଜନନ ଏବଂ ଶିଶୁ ସ୍ୱାସ୍ଥ୍ୟର ଡେପୁଟି ମ୍ୟାନେଜର ଭଗବାନ ମେହେର, ଆର୍‌ବିଏସ୍‌କେର ଆସିଷ୍ଟାଣ୍ଟ ମ୍ୟାନେଜର ବାସୁଦେବ ରଥ, ଏନ୍‌ଏଚ୍‌ଏମ୍(ସହରାଞ୍ଚଳ) ର ସହକାରୀ କାର୍ଯ୍ୟକ୍ରମ ପରିଚାଳକ କିରଣ କୁମାର ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟର ହସ୍ପିଟାଲ ପରିଚାଳକ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ସିଡିଏମ୍‌ଓ ଜଣେ ଶିଶୁଙ୍କୁ କୃମିନାଶକ ଔଷଧ ପ୍ରଦାନ କରୁଛନ୍ତି।

## ଆଦିବାସୀ କବିତା ପାଇଁ ଗାଗାରିନ ସମ୍ମାନିତ

ଗୁଣପୁର,୧୨।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ଆଦିବାସୀ ଯୁବନେତା ଗାଗାରିନ୍ ଶବର ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଆଦିବାସୀ କବିତା ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି। କେଲ୍‌କାତାଠାରେ ଅଲ୍ ଇଣ୍ଡିଆ ଟ୍ରାଇବାଲ ରାଇଟର୍ସ ମିଟ୍ ଆୟୋଜିତ ହୋଇଥିଲା। ଏଥିରେ ଗାଗାରିନ୍ ନିଜର ଭଲ ଆଦିବାସୀ କବିତା ପାଇଁ ସମ୍ମାନର ଅଧିକାରୀ ହୋଇଛନ୍ତି। କାର୍ଯ୍ୟକ୍ରମରେ ସିଆଇଆଇଏଲ ମୈଶୂରର ଅବସରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ଡି.ପି. ପଟ୍ଟନାୟକ, କୋଲ୍‌କାତା ସାହିତ୍ୟ ଏକାଡେମି ସମ୍ପାଦକ ଡି. ଦେବେନ୍ଦ୍ର କୁମାର,ଦିଲ୍ଲୀ ସାହିତ୍ୟ ଏକାଡେମୀର ସମ୍ପାଦକ ଏମ୍. ଶ୍ରୀନିବାସ, ସାନ୍ତାଳି ଆବାହକ ମଦନ ମହୋନ ସୋରେନ ଏବଂ ପ୍ରଫେସର ଦମୟନ୍ତି ହାଁସଦା ପ୍ରମୁଖ ମଞ୍ଚାସୀନ ଥିଲେ।

ADVERTISEMENT FOR PROJECT ASSISTANT
P.G. DEPARTMENT OF SOCIAL SCIENCE
FAKIR MOHAN UNIVERSITY
Vyasa Vihar, Balasore - 756089
Applications are invited from interested candidates for the engagement of one Project Assistant on purely temporary basis for the Odisha State Higher Education Council, Government of Odisha (OURIIP Seed Fund - 2022) sponsored project entitled as "A Multi-Level Analysis of Trends and Dimensions of Voting Behaviour in India since 1999. A Case study of Balasore district of Odisha" in the P.G. Department of Social Science, Fakir Mohan University, Balasore.
Please log into http://fmuniversity.nic.in. for details.
Sd./- Principal Investigator

## ୨ କିଲୋ ଓଜନର ଆଇଇଡି ନିଷ୍କ୍ରିୟ କଲେ ଯବାନ

### ଟାର୍ଗେଟ କରି ପୋତିଥିଲେ ବୋମା

ମାଲକାନଗିରି,୧୨।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଅଞ୍ଚଳରେ ସର୍ଚ୍ଚ ଅପରେଶନ ବେଳେ ଯବାନମାନେ ୨ କିଲୋ ଓଜନର ବୋମାକୁ ନିଷ୍କ୍ରିୟ କରିଛନ୍ତି। ବିଜାପୁର ଜିଲା ମହାଦେବ ଘାଟି ଅଞ୍ଚଳରେ ଶୁକ୍ରବାର ମାଓବାଦୀ ଦମନ ପାଇଁ ସୁରକ୍ଷା ବଳ ପକ୍ଷରୁ ସର୍ଚ୍ଚ ଅପରେଶନ ଚାଲିଥିଲ। ଏହି ସମୟରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଆଇଇଡି ବୋମା ପୋତିଥିବା ଜଣାପଡ଼ିଥିଲା। ତୁରନ୍ତ ଯବାନଙ୍କ ବୋମା ନିଷ୍କ୍ରିୟକାରୀ ଦଳ ଉକ୍ତ ବୋମାଟିକୁ ଜବତ କରି ନିଷ୍କ୍ରିୟ କରିଥିଲେ। ତେବେ ଘଟଣା ପରେ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଅଧିକ ଜୋରଦାର କରାଯାଇଛି।






ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୧୩ ଅଗଷ୍ଟ, ୨୦୨୨

**ଦୁର୍ଘଟଣାରେ ୩ ଆହତ**

ପଟ୍ଟାଙ୍ଗୀ,(ଡି.ଏନ୍.ଏ.)- କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅଧୀନ ପୁକାଲି ପଞ୍ଚାୟତର ମାଳିଗୁଡା ଗ୍ରାମ ନିକଟରେ ଏକ ବ୍ରିଜ୍‌ରେ ଧକ୍କା ହୋଇ ତିନି ଜଣ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ପଡୋଶୀ ଆନ୍ଧ୍ର ରାଜ୍ୟ ଆରୁକୁ ଅଞ୍ଚଳର ଦାସୁ ଗେମେଲ, ସମୁଡୁ ଗେମେଲ ଓ ସୁନାଦ୍ରୀ ଗେମେଲ। ଦାସୁ, ସମୁଡୁ ଓ ସୁନାଦ୍ରୀ ପଟ୍ଟାଙ୍ଗୀ ଅଭିମୁଖେ ଆସୁଥିବାବେଳେ ବ୍ରିଜ ନିକଟରେ ଭାରସାମ୍ୟ ହରାଇ ଉକ୍ତ ବ୍ରିଜକୁ ଧକ୍କା ଦେଇଥିଲେ। ଗ୍ରାମବାସୀ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନେଇଥିଲେ। ଦାସୁଙ୍କ ବାମ ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେହିପରି ସୁନାଦ୍ରୀଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିବା ସହ ଗୁରୁତର ଥିବାରୁ କୋରାପୁଟ ପଠାଯାଇଛି।



## ସଂକ୍ଷେପରେ

### ବିନୋଦିନୀ ସେମିଳିଗୁଡ଼ା ସିଡିପିଓ



ସେମିଳିଗୁଡା, ସୁନାବେଡା,୧୨।୮ (ସ୍ୱ.ପ୍ର.) ସେମିଳିଗୁଡ଼ା ସିଡିପିଓଭାବେ ଶୁକ୍ରବାର ବିନୋଦିନୀ ବେହେରା ସେମିଳିଗୁଡା କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରିରେ ଡିବ୍ଲ୍ୟୁସିଆର୍ ର ସୁପରଭାଇଜରଭାବେ ଯୋଗଦେଇଥିଲେ। ପରେ ନନ୍ଦପୁର, ପଟ୍ଟାଙ୍ଗୀ ବ୍ଲକ ଏବଂ କୋରାପୁଟ ଆଇସିଡ଼ିଏସ୍ ସୁପର ଭାଇଜରରୁ ପଦୋନ୍ନତି ପାଇବା ପରେ ବଦଳି ହୋଇ ସେମିଳିଗୁଡା ସିଡିପିଓ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସୂଚନା ଥାଉ କି ପୂର୍ବତନ ସିଡିପିଓ ସୋହାଗିଁ ସୋରେନଙ୍କ ଅକସ୍ମାତ ମହୁ ମାଛି ଆକ୍ରମଣରେ ମୃତ୍ୟୁ ହେବାପରେ ବହୁ ଦିନ ଏହି ପଦବୀ ଖାଲି ପଡିଥିଲା।

### ଜୈବିକ ଚାଷ ପ୍ରଶିକ୍ଷଣ ଶିବିର

କୋରାପୁଟ,୧୨।୮(ସ୍ୱ.ପ୍ର)- କୋରାପୁଟ ଜିଲାର ସୁନାବେଡାସ୍ଥିତ ଭାରତୀୟ ମୃତିକା ଏବଂ ଜଳ ସଂରକ୍ଷଣ ଅନୁସନ୍ଧାନ କେନ୍ଦ୍ର କାର୍ଯ୍ୟାଳୟରେ ଶୁକ୍ରବାର ଆଜାଦୀକା ଅମୃତ ମହୋତ୍ସବ ପାଳନ କରାଯାଇଛି। ଡୁରକାଗୁଡା, ଡେକାପାର, ଭିତର କୋଟା, ଝରାପୁଟ, ଚାଲାଣପୁଟ ଏବଂ ରାଜପୁଟ ଗ୍ରାମର ୫୫ ଜଣ ଚାଷୀ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମର ପ୍ରାରମ୍ଭରେ କେନ୍ଦ୍ର ଅଧକ୍ଷ ଡଃ ଧ୍ରୁବଚରଣ ସାହୁ ନୁଆ ନୁଆ ଜ୍ଞାନ କୌଶଳରେ ସ୍ୱାଧିନତାର ୭୫ ତମ ବର୍ଷରେ କୃଷିର ଉନ୍ନତି କିପରି କୃଷକମାନଙ୍କ ଦ୍ୱାରା ହୋଇଛି ସେ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜୈବିକ ଚାଷ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ଶିବିରରେ ଡଃ ଜୈତିପ୍ରଭା ଦାଶ ଏବଂ ଡଃ ଜେତିର୍ମୟୀ ଲେଙ୍କା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଚାଷୀମାନଙ୍କୁ ଜିଆ ଖତ ବେଡ , ଅଣୁସାର, ଉନ୍ନତ ଧରଣର ପନିପରିବା ବିହନ ଏବଂ ସାଇକେଲରେ ଲାଗିଥିବା ଘାସ ଉପାଡିବା ଯନ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଟି ଡଃ ରାଜେଶ ବିଶୋଇ ସଂଯୋଜନା ଏବଂ ଗୋଲକ ବିହାରି ନାୟକ ଓ ଜି.ଡବ୍ଲୁ ବାର୍ଲା ପରିଚାଳନା କରିଥିଲେ।

### ଜାତୀୟ 'କୃମି ନାଶକ' ଦିବସ ପାଳିତ



ଚନ୍ଦାହାଣ୍ଡି,୧୨।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମହୋରା ପଞ୍ଚାୟତ ପୂଜାରିଗୁଡା ହାଇସ୍କୁଲରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ବାବୁଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମନୀଷ ପୁରୋହିତ ଉପସ୍ଥିତ ଥିଲେ। ପ୍ରତିବର୍ଷ ୨ଥର ଲେଖାଏଁ କୃମି ନାଶକ ଦିବସ ପାଳନ କରାଯାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ଆଶା ସଂଯୋଜକ-ସଂଗ୍ରାମ ପଣ୍ଡା, ଚନ୍ଦାହାଣ୍ଡି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନୀଳକଣ୍ଠ ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାହମଣି ହେମ୍ବ୍ରମ, ପୋଗ୍ରାମ ମ୍ୟାନେଜର ସୁଦୀପ୍ତ ରଞ୍ଜନ ରାଉତ, ମହିଳା ଓ ଶିଶୁ ବିକାଶ ବିଭାଗ ପରିଦର୍ଶିକା ଦଲିଲା ଖୋସଲା, ଫୁଲସରା ବୋତ୍ରା, ସି.ଏଚ.ଓ.ଲୁଧିଆ ହରିଜନ, ନାରାୟଣ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପିଲାମାନଙ୍କୁ କୃମି ନାଶକ ବଟିକା ଦିଆଯାଇଛି।

### ରାଖୀ ପାଳିଲେ ମାନସ, ଆସ୍ଥା ଅନ୍ତେବାସୀ

କୋରାପୁଟ,୧୨।୮(ସ୍ୱ.ପ୍ର.)- କୋରାପୁଟ ମ୍ୟୁନିସପାଲିଟି ଅଧକ୍ଷ ଲଳାଟ ରଞ୍ଜନ ସେଠୀ ମାନସିକ ଅନଗ୍ରସର ବିଦ୍ୟାଳୟ ମାନସ ଓ ଅନାଥାଶ୍ରମ ଆସ୍ଥା ଭବନରେ ଅନ୍ତେବାସୀଙ୍କ ସହ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଛନ୍ତି। ଅଧକ୍ଷ ପ୍ରଥମେ ଶୋଭାନୁଷ୍ଠାନ ଦ୍ୱାରା ପରିଚାଳିତ ଆସ୍ଥା ଭବନ ଯାଇ ସେଠାରେ ଥିବା ଅନ୍ତେବାସୀଙ୍କୁ ମିଠା ଦେବା ସହ ସେମାନଙ୍କଠାରୁ ରାଖି ବନ୍ଧାଇଥିଲେ। ଏହି ଅବସରରେ ଅଧକ୍ଷ ସେମାନଙ୍କର ସୁବିଧା ଓ ଅସୁବିଧା ସମ୍ପର୍କରେ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ପରେ କୋରାପୁଟ ଗାନ୍ଧୀନଗରଠାରେ ଥିବା ମାନସିକ ଅନଗ୍ରସର ବିଦ୍ୟାଳୟ ମାନସକୁ ଯାଇ ସେଠାରେ ପିଲାମାନଙ୍କ ସହ ରକ୍ଷା ବନ୍ଧନ ଉତ୍ସବ ପାଳିଥିଲେ। ସେମାନଙ୍କୁ ମିଠା ଓ ବିସ୍କୁଟ ପ୍ରଦାନ କରି ତାଙ୍କ ସହ ଦୀର୍ଘ ସମୟ ବିତାଇଥିବା ଜଣାପଡିଛି।

# ରାସ୍ତା ସମସ୍ୟା ସମାଧାନ ନ ହେଲେ ଧାରଣା ଚେତାବନୀ

ଦଶମନ୍ତପୁର, ୧୨।୮(ଡି.ଏନ୍.ଏ.)



- ଗମନାଗମନରେ ସମସ୍ୟା ଭୋଗୁଛନ୍ତି କେ. ଦଣ୍ଡାବାଡ଼ ଗ୍ରାମବାସୀ
- ଖରାପ ରାସ୍ତା ଯୋଗୁ ଗାଁକୁ ଯାଉନି ଆମ୍ବୁଲାନ୍ସ
- ଗାଁକୁ ଯାଇପାରୁନି ନଳକୂପ ଖନନ ଗାଡ଼ି, ବାଧହୋଇ ପିଉଛନ୍ତି ନାଳ, ଝରଣା ପାଣି

ସ୍ୱାଧୀନତାର ସାତ ଦଶନ୍ଧି ବିତିଯାଇଥିଲେ ସୁଦ୍ଧା ଏବେ ବି ଲୋକଙ୍କ ଗମନାଗମନ ନିମନ୍ତେ ସମସ୍ୟା ରହିଛି। ଦୀପ ତଳ ଅନ୍ଧାର ସଦୃଶ ବ୍ଲକ ସଦର ମହକୁମାରୁ ମାତ୍ର ଅଳ୍ପଦୂରରେ ଅବସ୍ଥିତ ଗାଁକୁ ଯିବା ପାଇଁ ନାହିଁ ପକ୍କାରାସ୍ତା । ସରକାର ଜନସାଧାରଣଙ୍କ ଯାତାୟାତରେ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବ୍ଲକ ହେଡ୍‌କ୍ୱାର୍ଟରର ପଡ଼ୋଶୀ ଗାଁଗୁଡ଼ିକରେ ହୋଇନି ପକ୍କାରାସ୍ତା। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ କେ.ଦଣ୍ଡାବାଡ଼ ଗାଁ।

ଏହି ଗାଁରେ ଆଦିବାସୀ, କମାର ଏବଂ ବିଷୋୟୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ହେଲେ ଆରଡ଼ି ରାସ୍ତାଠାରୁ ଗାଁକୁ ମାତ୍ର ୩ କିମି ରାସ୍ତାର ଅବସ୍ଥା କହିଲେ ନ ସରେ। ରାସ୍ତାସାରା ସାନ ବଡ଼ ଗାତ ଭରି ରହିଛି। ଫଳରେ ସେଠାରେ ପାଣି ଜମି ଯାଉଛି। ଅଣଓସାରିଆ କାଦୁଅଭରା ମାଟିରାସ୍ତା ଯୋଗୁ ଜରୁରୀ ସମୟରେ ଆସିପାରୁନି ଆମ୍ବୁଲାନ୍ସ। କୌଣସି ଲୋକ ଅସୁସ୍ଥ ହେଲେ ସେମାନଙ୍କୁ ଭାରରେ ପକ୍କାରାସ୍ତା ପର୍ଯ୍ୟନ୍ତ ବୋହିନେବାକୁ ପଡ଼େ ବୋଲି ଗାଁର ଟଙ୍କଧର ବିଷୋୟୀ, ବାବୁଲା ବିଷୋୟୀ, ଲକ୍ଷ୍ମଣ ବିଷୋୟୀ, ଜଗନ୍ନାଥ ବିଷୋୟୀ, ଈଶ୍ୱର ହିକ୍‌କାଙ୍କ ସମେତ ଗ୍ରାମବାସୀ କହିଛନ୍ତି। ବାରମ୍ବାର ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି। ପ୍ରଶାସନ ସବୁ ଜାଣି ମଧ୍ୟ ସମାଧାନ ପ୍ରତି ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଧାୟକ ଓ ଏମ୍‌ପିଙ୍କୁ ମଧ୍ୟ ଏ ନେଇ ଜଣାଇଛୁ। ସମସ୍ୟା ସମାଧାନ ନେଇ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଣିର ଗାର ହୋଇ ରହିଯାଇଛି ବୋଲି ବନମାଳୀ ବିଷୋୟୀ, ରାଇ ମାଣ୍ଡିଙ୍ଗ, ଚନ୍ଦ୍ର କମାର, ବଳରାମ କମାର, ମଙ୍ଗୁଲୁ ହିକ୍‌କା ପ୍ରମୁଖ ପ୍ରକାଶ କରିଛନ୍ତି। ଗତମାସରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ଜିଲାପାଳଙ୍କୁ ଗୁହାରି ଜଣାଇବା ସତ୍ତ୍ୱେ ପ୍ରଶାସନ କେ.ଦଣ୍ଡାବାଡ଼ ଗ୍ରାମ ପ୍ରତି ଅଣଦେଖା କରୁଥିବା ଗ୍ରାମବାସୀ କହିଛନ୍ତି। ରାସ୍ତା ସମସ୍ୟା ଥିବାରୁ ସ୍ୱଚ୍ଛ ପାନୀୟଜଳ ମିଳୁନି। ରାସ୍ତା ନ ଥିବାରୁ ନଳକୂପ ଖନନ ଗାଡ଼ି ଗାଁକୁ ଯାଇପାରୁନି। ତେଣୁ ବାଧହୋଇ ଲୋକେ ନଈ ଝରଣା ପାଣି ବ୍ୟବହାର କରୁଥିବା ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ତେବେ ବ୍ଲକ କାର୍ଯ୍ୟାଳୟର ଅତି ନିକଟ ଗାଁଗୁଡ଼ିକର ସମସ୍ୟା ଯଦି ଏଭଳି ତ ଅନ୍ୟ ପଞ୍ଚାୟତର ସମସ୍ୟା କିଭଳି ଥିବ ତାହା ସହଜରେ ଅନୁମେୟ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଯଥାଶୀଘ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପ୍ରଥମେ ରାସ୍ତା ଓ ପାନୀୟଜଳ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବ୍ଲକ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଧାରଣା ଦେବୁ ବୋଲି ଉପସ୍ଥିତ ଗ୍ରାମବାସୀ କହିଛନ୍ତି।

# କାଶୀପୁରର ଝାଡ଼ାବାନ୍ତି ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇଲେ ସପ୍ତଗିରି

ରାୟଗଡ଼ା ଅଫିସ, ୧୨।୮



ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ବ୍ୟାପିଥିବା ଝାଡ଼ାବାନ୍ତି ପ୍ରସଙ୍ଗକୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ପାର୍ଲାମେଣ୍ଟରେ ଉଠାଇଛନ୍ତି। ଜଳବାହିତ ରୋଗ ଏବଂ ଏଥିରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ବୋଲି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀଙ୍କୁ ସପ୍ତଗିରି ପ୍ରଶ୍ନ କରିଛନ୍ତି। ସେହିପରି ବାରମ୍ବାର ଉକ୍ତ ଅଞ୍ଚଳରେ ଲୋକେ କଲେରାରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ରାୟଗଡ଼ାରେ ଆର୍‌ଏମ୍‌ଆର୍‌ସି ୟୁନିଟ ସ୍ଥାପନ ନେଇ ସରକାରଙ୍କ କୌଣସି ପ୍ରସ୍ତାବ ରହିଛି କି ଏବଂ ଝାଡ଼ାବାନ୍ତି ନିୟନ୍ତ୍ରଣ କରିବାକୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ଏମ୍‌ପି ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ କୁହାଯାଇଛି, ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୦୫ ରୁ ୨୦୧୨ ପର୍ଯ୍ୟନ୍ତ ଆର୍‌ଏମ୍‌ଆର୍‌ସିର ଫିଲଡ ୟୁନିଟ କାର୍ଯ୍ୟକ୍ଷମ ଥିଲା। ଏହାପରେ ଲାବ୍‌ର ସମସ୍ତ ସାମଗ୍ରୀ ଏବଂ ଟେକ୍ନୋଲୋଜି ଜିଲା ଜନସ୍ୱାସ୍ଥ୍ୟ ଲାବ୍‌କୁ ହସ୍ତାନ୍ତର କରାଯାଇଛି। ତାହା ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକ୍ଷମ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଅଗଷ୍ଟ ୧ ସୁଦ୍ଧା କାଶୀପୁର ବ୍ଲକରେ ଝାଡ଼ାବାନ୍ତିରେ ୧୦ ଗ୍ରାମରୁ ୯ ଜଣଙ୍କ ମୃତ୍ୟୁ ଘଟିଥିବା ଓଡ଼ିଶା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିବା ଉତ୍ତର ରଖାଯାଇଛି। ଅନ୍ୟପକ୍ଷରେ ରାୟଗଡ଼ାରେ ଯଦି ଆର୍‌ଏମ୍‌ଆର୍‌ସିର ୟୁନିଟ ରହିଛି ତେବେ ଆକ୍ରାନ୍ତଙ୍କ ମଳ ନମୁନା ଭୁବନେଶ୍ୱରକୁ ପରୀକ୍ଷା ପାଇଁ କାହିଁକି ପଠାଯାଉଛି ଏବଂ ପ୍ରଥମେ ଡାଇରିଆ ବୋଲି ଜଣାପଡ଼ିଥିବାବେଳେ ପରେ ରିପୋର୍ଟରୁ କଲେରା ବୋଲି କେମିତି ସ୍ପଷ୍ଟ ହେଉଛି ବୋଲି କୋରାପୁଟ ଏମ୍‌ପି ପ୍ରଶ୍ନ କରିଥିଲେ। ତେବେ ରାୟଗଡ଼ାରେ ଆର୍‌ଏମ୍‌ଆର୍‌ସିର ୟୁନିଟ ରହିଥିବା ନେଇ ପାର୍ଲାମେଣ୍ଟରେ ରଖାଯାଇଥିବା ଉତ୍ତରରେ କେତେ ସତ୍ୟତା ରହିଛି ତାହା ସ୍ପଷ୍ଟ ହେଉ ନ ଥିବା ସପ୍ତଗିରି କହିଛନ୍ତି।



ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି ୭୯ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନିଶା ନିବାରଣ କର୍ଯ୍ୟକ୍ରମରେ ପିଲାଙ୍କୁ ଶପଥ ପାଠ କରାଯାଉଛି।

# ସ୍ୱାମୀଘରେ ଗର୍ଭବତୀ ନାବାଳିକାଙ୍କ ମୃତ୍ୟୁ

ରାୟଗଡ଼ା ଅଫିସ,୧୨।୮

**ବାପଘର ପକ୍ଷରୁ ହତ୍ୟା ଅଭିଯୋଗ**

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ଗର୍ଭବତୀ ନାବାଳିକା(ବିବାହିତା)ଙ୍କ ମୃତ୍ୟୁ ଘଟିଛି। ଝିଅକୁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ନାବାଳିକା ମାର୍ଚ୍ଚ ମାସରୁ ଘରୁ ନିଖୋଜ ଥିଲେ। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ଚାନ୍ଦିଲି ଥାନାରେ ଏତଲା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଝିଅ ଆନ୍ଧ୍ର ପ୍ରଦେଶର ଜଣେ ଯୁବକଙ୍କୁ ବିବାହ କରି ବିଶାଖାପାଟଣାରେ ରହୁଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଗୁରୁବାର ଝିଅର ମୃତ୍ୟୁ ଘଟିଥିବା ବାପଘର ଲୋକେ ଖବର ପାଇ ଚାନ୍ଦିଲି ପୋଲିସକୁ ଜଣାଇଥିଲେ। ସତ୍କାର କରିବା ପାଇଁ ପ୍ରସ୍ତୁତ ହୋଇଥିବା ମୃତଦେହକୁ ଚାନ୍ଦିଲି ପୋଲିସ ଆନ୍ଧ୍ରରୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ସ୍ୱାମୀ ଗୌରୀଶଙ୍କରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ ମୃତ ନାବାଳିକା ୮ ମାସର ଗର୍ଭବତୀ ଥିଲେ।

# ଉପ ଡାକଘରକୁ ପୂର୍ବ ସ୍ଥାନକୁ ଫେରାଇ ଆଣିବା ଦାବି

**କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ନବରଙ୍ଗପୁର,୧୨।୮ (ବି.ପ୍ର.)

ନବରଙ୍ଗପୁର ଭଗବତୀ ସାହିରେ ପୂର୍ବରୁ ରହିଥିବା ଉପଡାକଘରକୁ ପୁନର୍ବାର ସେହି ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ଅଧକ୍ଷ ଚନ୍ଦ୍ରଧ୍ୱଜ ମାଝିଙ୍କ ସମେତ ନବରଙ୍ଗପୁର ସହରର ବରିଷ୍ଠ ନାଗରିକ ଓ ଜନସାଧାରଣ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନବରଙ୍ଗପୁର ମୁଖ୍ୟ ଡାକଘର ପୋଷ୍ଟ ମାଷ୍ଟର ଶ୍ରୀରାମ ପଟ୍ଟନାୟକଙ୍କ ଜରିଆରେ ଏହି ଦାବି ପତ୍ର ପ୍ରଦାନ କରାଯାଇଛି। ସହର ମଧ୍ୟରେ ଭାଗ ଭଗବତୀ ସାହିରେ ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏକ ଉପଡାକଘର ରହିଥିଲା। ନବରଙ୍ଗପୁର ସହରର ପ୍ରାୟ ୫ହଜାରରୁ ଅଧିକ ଜମାକାରୀ ଏହି ଉପ ଡାକଘରେ ଦେଣ ନେଣ କରିବାରେ ସୁବିଧା ପାଇବା ସହ ସରକାରଙ୍କ ଏସବି, ଆରଡ଼ି, ଏସ୍‌ଏସ୍‌ଏ, ଟିଡି, କେଭିପି, ଏଏସ୍‌ସି ଭଳି ବିଭିନ୍ନ ଯୋଜନାରେ ଦେଣ ନେଣ କରିବାର ସୁବିଧା ପାଇଆସୁଥିଲେ। ଉପଡ଼ାକଘରର ମରାମତି ନେଇ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବର୍ତ୍ତମାନ ତାହାକୁ ମୁଖ୍ୟ ଡାକଘର ସହ ଯୋଡ଼ିଦେଇ ବନ୍ଦ କରିଦେବାକୁ ଚକ୍ରାନ୍ତ ଚାଲୁଛି। ତେଣୁ ଉକ୍ତ ଡାକ ଘରରକୁ ତୁରନ୍ତ ପୁନର୍ବାର ପୂର୍ବ ସ୍ଥାନକୁ ସ୍ଥାନାନ୍ତରିତ କରିଲେ ଏହି ଡାକଘର ଉପରେ ଭରସା କରି ରହିଥିବା ୫ହଜାରରୁ ଊର୍ଦ୍ଧ୍ୱ ଜମାକାରୀ ବହୁ ଉପକୃତ ହୋଇଥାନ୍ତେ ବୋଲି ଏହି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରକାଶଯେ, ଜୁଲାଇ ୫ ତାରିଖ ଦିନ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ପକ୍ଷରୁ ଅଧକ୍ଷ ମାଝି ଦାବିପତ୍ର ପ୍ରଦାନ କରିଥିଲେ।



ପୋଷ୍ଟମାଷ୍ଟର ଶ୍ରୀରାମ ପଟ୍ଟନାୟକ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଦାୟିତ୍ୱ ଗ୍ରହଣ କଲେ ଲକ୍ଷ୍ମୀପୁର ସିଡିପିଓ

କୋରାପୁଟ, ୧୨।୮(ସ୍ୱ.ପ୍ର.)

କୋରାପୁଟ ଜିଲାର ନୁତନ ଶିଶୁ ବିକାଶ ଯୋଜନା ଅଧିକାରୀ (ସିଡିପିଓ) ଭାବେ ପାର୍ବତୀ ଆଚାର୍ଯ୍ୟ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଦଶମନ୍ତପୁର ବ୍ଲକର ବିଭାଗର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ପଦୋନ୍ନତି ପରେ ସେ ଲକ୍ଷ୍ମୀପୁର ସିଡିପିଓ ଭାବେ ନିଯୁକ୍ତି ପାଇବା ସହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶିଶୁ ବିକାଶ ଯୋଜନା ବିଭାଗରେ ସୁପରଭାଇଜର



ଭାବେ ଜିଲାର ବିଭିନ୍ନ ଅଞ୍ଚଳରେ ସଫଳତାର ସହ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଥିଲେ।

# ନୂତନ କୋର୍ଟ ସ୍ଥାପନ ନେଇ ଅନୁଧ୍ୟାନ କଲେ ଜିଲାଜଜ୍





ଚନ୍ଦ୍ରପୁର,୧୨।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ଠାରେ ନୂତନ କୋର୍ଟ ସ୍ଥାପନ ହେବ। ଏଥିପାଇଁ ଶୁକ୍ରବାର ରାୟଗଡ଼ା ଜିଲାଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ଚନ୍ଦ୍ରପୁର ଗସ୍ତରେ ଆସି ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି। ଚନ୍ଦ୍ରପୁର ତହସିଲ କାର୍ଯ୍ୟାଳୟ ଠାରୁ କିଛି ଦୂରରେ କୋର୍ଟ ସ୍ଥାପନ ନିମନ୍ତେ ଜଗା ଚିହ୍ନଟ କରାଯାଇଥିବାରୁ ଜଜ୍ ଉକ୍ତ ଜାଗା ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥାର ତଦାରଖ କରିଛନ୍ତି। ଜିଲାଜଜ୍‌ଙ୍କ ସହ ରେଜିଷ୍ଟ୍ରାର ଦେବିଜ୍ୟୋତି ମହାପାତ୍ର, ବରିଷ୍ଠ କିରାଣୀ ସୁଧୀର ପାଣିଗ୍ରାହୀ, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ଭାରପ୍ରାପ୍ତ ତହସିଲଦାର ସରୋଜ ନାୟକ ବେହେରା, ଏସ୍‌ଡିପିଓ ଆକାଶ ସାହୁ, ବ୍ଲକ ଅଧକ୍ଷ କଇଁନ କିମ୍ବାକା, ବିଷମକଟକ ବାର୍ ଆସୋସିଏଶନର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

# ଦେଶର ଭାଇଚାରାକୁ ସୁଦୃଢ଼ କରେ ହର୍‌ଘର୍ ତ୍ରିରଙ୍ଗା

ନବରଙ୍ଗପୁର,୧୨।୮(ବି.ପ୍ର.)

ନବରଙ୍ଗପୁର ଜିଲା ଟିଲି ଆମ୍ବଗୁଡ଼ାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଆଜାଦି କା ଅମୃତ ମହୋତ୍ସବ ଅବସରରେ ହର୍ ଘର ତ୍ରିରଙ୍ଗା ସଚେତନତା କାର୍ଯ୍ୟକ୍ରମ ଏଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରପୁତ୍ରଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ସହକାରୀ ପ୍ରଫେସର ମନ୍ମଥ କୁମାର ମାଝି ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ମହାବିଦ୍ୟାଳୟରୁ ବାହାରି ପୋଷ୍ୟ ଗ୍ରାମ ଟିଲିଆମ୍ବଗୁଡ଼ା ଅଭିମୁଖେ ଯାଇଥିଲା। ଗ୍ରାମ ପରିକ୍ରମା ସମୟରେ ଉପସ୍ଥିତ ଜନସାଧାରଣଙ୍କୁ ମହୋତ୍ସବ ପାଳନ ତାତ୍ପର୍ଯ୍ୟ ଓ ପ୍ରତ୍ୟେକ ଘରେ ଯେପରି ଏହାକୁ ଅତି ଆଦରର ସହିତ ପାଳନ କରିବେ ସେଥିପାଇଁ ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରାଯାଇଥିଲା। ଗ୍ରାମ ର ପିଲାମାନଙ୍କୁ ମଧ୍ୟ ତ୍ରିରଙ୍ଗା ପତାକାକୁ କିପରି ଏଂ କାହିଁକି ସମ୍ମାନ କରିବା, ସେବିଷୟରେ ଛାତ୍ରଛାତ୍ରୀ ମାନେ ବୁଝାଇଥିଲେ। ଶ୍ରାବଣ କୁମାର ପୁଜାରୀ, ଜିଭିଭି ରଞ୍ଜିତା, ସୁଲୋଚନା ନାୟକ, ପଲ୍ଲବୀ ସାହୁ, ଯୁଗଳ କର୍କରା ପ୍ରମୁଖ ଅତିଥି ଓ ଅଧାପିକା ଅଧାପକ ଉକ୍ତ ଶୋଭାଯାତ୍ରାର ଦାୟିତ୍ୱ ତୁଲାଇ ଥିଲେ।



ଆମ୍ବଗୁଡ଼ାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ରୋଗୀଙ୍କୁ ୫କି.ମି.ଖଟିଆରେ ବୋହି ନଦୀପାର

ଚନ୍ଦାହାଣ୍ଡି, ୧୨।୮(ଡି.ଏନ୍.ଏ.)



ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାଖକୁ ଅଣାଯାଉଛି।

- ଗାଁକୁ ସଂଯୋଗ କରୁଥିବା ନଦୀରେ ନାହିଁ ପୋଲ
- ଗାଁରେ କଚ୍ଚା କାଦୁଅ ପଚପଚ ରାସ୍ତା

ରାସ୍ତା ନଥିବାରୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପଟଖଲିଆ ପଞ୍ଚାୟତ ଗୌରଝରିଆ ଗ୍ରାମର ଜଣେ ରୋଗୀଙ୍କୁ ୫ କି.ମି. ବୋହିବା ସହ ନଦୀ ପାର କରାଇ ଆମ୍ବୁଲାନ୍ସ ପାଖକୁ ଆଣିଛନ୍ତି ପରିବାର ଓ ଗ୍ରାମବାସୀ। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏଦିଗରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

ସୂଚନାନୁଯାୟୀ, ଗୌରଝରିଆ ଗ୍ରାମର ଧନୁ ପୋଟାଙ୍କ ସ୍ତ୍ରୀ ଲଳିତା (୩୫) ଙ୍କୁ ଜ୍ୱର ହୋଇଥିଲା। ସେ ଅଧିକ ଗୁରୁତର ହେବାରୁ ପରିବାର ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନା ନେବାକୁ ୧୦୮ ଆମ୍ବୁଲାନକୁ ଫୋନ କରିଥିଲେ। ଗାଁକୁ ଯିବା ବାଟରେ ନଦୀ ପଡିବା ସହ କାଦୁଅ ପଚପଚ ରାସ୍ତା ଯୋଗୁ ଆମ୍ବୁଲାନ୍ସ ନଦୀ ଆପଟେ ଅଟକି ରହିଥିଲା। ପରିବାର ଲୋକେ ଏକ ଖଟିଆରେ କାଦୁଅ ପଚ ପଚ ରାସ୍ତାରେ୫ କିମି ବୋହିବା ସହ ଆଣ୍ଠୁଏ ପାଣ ରେ ନଦୀ ପାର କରି ଆମ୍ବୁଲାନ୍ସ ପାଖରେ ପହଞ୍ଚି ଥିଲେ। ସେଠାରୁ ଲଳିତାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚିକତ୍ସାପରେ ଲଳିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିରଥିବା ଡାକ୍ତର ପୀର ପ୍ରସାଦ ଶତପଥୀ କହିଛନ୍ତି। ଗୋରଝରିଆ ଗ୍ରାମକୁ ସଂଯୋଗ କରୁଥିବା ନଦୀରେ ପୋଲ ଓ ପକ୍କାରାସ୍ତା ନିର୍ମାଣ ପାଇଁ ବାରମ୍ବାର ଏମ୍‌ପି ରମେଶ ମାଝି ଓ ବିଧାୟକ ପ୍ରକାଶ ମାଝିଙ୍କୁ କହିବବା ସତ୍ତ୍ୱେ ସେମାନେ ଗୁରୁତ୍ୱ ଦେଉ ନ ଥିବା ପାଟଖଲିଆ ସମିତି ସଭ୍ୟା ଅନୁପମା ଧୁରୁଆ କହିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସେ ଦାବ କରିଛନ୍ତି।

## ସଂକ୍ଷେପରେ

### ଦେଶୀ ମଦ ଜବତ କଲା ପୋଲିସ, ଅବକାରୀ ଟିମ୍

ପଟ୍ଟାଙ୍ଗୀ, ୧୨।୮ (ଡି.ଏନ୍.ଏ.)- କୋରାପୁଟ ଜିଲା ଅବକାରୀ ବିଭାଗ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତ ରେ ପୋଲିସ ଓ ଅବକାରୀ ବିଭାଗର ଏକ ଟିମ୍ ପଟ୍ଟାଙ୍ଗୀ ବ୍ଲକର ବିଭିନ୍ନ ଗ୍ରାମରେ ଚଡାଉ କରି ଦେଶୀ ରନ୍ଧା ମଦ ଜବତ କରି ତାହାକୁ ନଷ୍ଟ କରିଛନ୍ତି। ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କ ଅଧକ୍ଷତାରେ ଗୁରୁବାର ବ୍ଲକର ପେଟୁରୁ ପଞ୍ଚାୟତର କାନ୍ଦିଲି ଗ୍ରାମରେ ମିଳିତ ଚଡାଉ ସମୟରେ ୭୮୦ ପ୍ୟାକେଟ ମଦ ଜବତ କରାଯାଇଛି। ରନ୍ଧା ହୋଇ ରହିଥିବା ୧୪ହଜାର ୬୦୦ ଲିଟର ମଦ ନଷ୍ଟ କରାଯାଇଥିଲା। ସେହିପରି ଶୁକ୍ରବାର ବ୍ଲକର ଗାଙ୍ଗରାଜପୁର ଏବଂ ପଡୋଶୀ ବ୍ଲକ ସେମିଳିଗୁଡାର ମାଳିମାର୍ଲା ଗ୍ରାମରେ ଚଢ଼ାଉ କରାଯାଇ ୬୫୦ ପ୍ୟାକେଟ ମଦ ପୋଚ ଜବତ ସହ ୧୩୧୦୦ ଲିଟର ରନ୍ଧା ମଦ ନଷ୍ଟ କରାଯାଇଛି। ଏହି ଚଢ଼ାଉବେଳେ ପଟ୍ଟାଙ୍ଗୀ ଥାନାର ଏସ୍‌ଆଇ ପ୍ରଦୀପ କୁମାର ମହାପାତ୍ର ଏବଂ ଏଏସ୍‌ଆଇ ନରସିଂଙ୍ଗ ଦୋରାଙ୍କ ସମେତ ଅବକାରୀ ବିଭାଗ ଆଇଇଡିଏଫ୍‌ଏସ୍ ତଥା ନନ୍ଦପୁର ଅବକାରୀ ଓଆଇସି ଦାଇତ୍ୱ ରେ ରହିଥିବା ଖଗେଶ୍ୱର କୋଟା, ଏସ୍‌ଆଇ ଅରୁପ ବଲଭ ଦାସ, କୋରାପୁଟ ରେଞ୍ଜ ର ପ୍ରମୋଦ କୁମାର ବାଣୁଆ, ଓଆଇସି ତେଜଶ୍ୱରୀ ପ୍ରଧାନ ଏବଂ ପଟ୍ଟାଙ୍ଗୀ ଓଆଇସି ସଞ୍ଜୟ କୁମାର ପ୍ରଧାନ ସାମିଲ ଥିଲେ।

### ନିଖୋଜ ମହିଳାଙ୍କ ମୃତଦେହ ଜବତ

ଲକ୍ଷ୍ମୀପୁର, ୧୨।୮ (ସ୍ୱ.ପ୍ର.)- କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ପଞ୍ଚାଡା ପାଞ୍ଚାୟତ ଡେଙ୍ଗଶିଲଗୁଡ଼ାର ପାଲ ଯାନୀ(୫୦)ଙ୍କ ମୃତତଦେହ ଶୁକ୍ରବାର କେଲାର ଗ୍ରାମ ନିକଟସ୍ଥ ନଦୀରୁ ମିଳିଛି। ସେ ସୋମବାରରୁ ନିଖୋଜ ଥିଲେ। ପରିବାର ଲୋକେ କାକିରିଗୁମା ଥାନାରେ ଅଭିଯୋଗ କରିବା ସହ ଖୋଜାଖୋଜି ଚଳାଇଥିଲେ। ଥାନାଧିକାରୀ ଉଲ୍ଲାସ ରାଉତଙ୍କୁ ଜଣାଇ ପରିବାର ଲୋକେ ମୃତଦେହ ନେଇଯାଇଛନ୍ତି।

### ପୋଲିସର ଗାଡ଼ି ଯାଞ୍ଚ

ରାଇଘର, ୧୨।୮ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ପୋଲିସ ଶୁକ୍ରବାର ରାଇଘର କୁନ୍ଦେଇ ମୁଖ୍ୟ ରାସ୍ତାରେ ଗାଡ଼ି ଯାଞ୍ଚ କରିଚି। ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ରବୀନ୍ଦ୍ର ପ୍ରଧାନଙ୍କ ପୋଲିସ କର୍ମଚାରୀ ଗାଡି ଅଟକାଇ ଏହାର କାଗଜପତ୍ର ଓ ହେଲ୍‌ମେଟ ଯାଞ୍ଚ କରିଥିଲେ। ନିୟମ ଭଙ୍ଗ କରୁଥିବା ଚାଳକଙ୍କୁ ଜରିମାନା କରାଯାଇଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଏଠାରେ ଏବେ ଦୁର୍ଘଟଣା ବଢ଼ୁଛି। ଏଥିସହ ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା ପୋଲିସ କହିଛି।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ୍



ଉମରକୋଟ, ୧୨।୮ (ସ୍ୱ.ପ୍ର.) -ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବକୋଦା ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ନିରାପତ୍ତା ଯୋଜନାରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇ ଯାଇଛି। ଉମରକୋଟ ଅଗ୍ନିଶମ ବିଭାଗ କେନ୍ଦ୍ର ଅଧିକାରୀ ଭାଗିରଥି ବଣୁଆ, ମୁଖ୍ୟ ଆଗ୍ନିକ ରବୀନ୍ଦ୍ର ନାୟକ, ଆଗ୍ନିକ ଦଶରଥ ସାହୁ, ଯଦୁମଣି କୋକ, ଧର୍ମେନ୍ଦ୍ର ସା ଏବଂ ଗଦାଧର ମାଝି ପ୍ରମୁଖ ଯୋଗ ଦେଇ ଛାତ୍ରୀ ଓ ଛାତ୍ରଙ୍କୁ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ବୁଝାଇଥିଲେ। ଏଥିସହ ପ୍ରାଥମିକ ଚିକିତ୍ସା ଓ ଗ୍ୟାସରେ ନିଆଁ ଲାଗିଲେ ତାହାର ଆୟତ୍ତ କୌଶଳ ପ୍ରଦର୍ଶନ କରିଥିଲେ। ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମକ୍‌ଡ୍ରିଲ ସମୟରେ ବୋକଦା ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ୫ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୨।୮ (ନି.ପ୍ର.)- ଫେରାର ଥିବା ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ସେମାନେ ହେଲେ ଗୌତମ ନଗରର ଗୌରୀଶଙ୍କର ତ୍ରିପାଠୀ, କୁନ୍ଦାରିଗୁଡାର ଟି.କ୍ରୀଷ୍ଣା, ଗୋପବନ୍ଧୁ ନଗରର ଟି.କାଳିଆ, ଇରିଗେସନ କଲୋନୀର ଜୟ ହରିଜନ, ଓ ଦଶମନ୍ତପୁର ଥାନା ଅଧୀନ ଧର୍ମଗୁଡାର ମନୋଜ ବିଷୋୟୀ। ପୋଲିସ ସୁଚନାନୁଯାୟୀ ଅଭିଯୁକ୍ତମାନଙ୍କ ନାମରେ ଅପରାଧିକ ମାମଲା ରହିଥିଲା। ଅଭିଯୁକ୍ତ ଗୌରୀଶଙ୍କର ତ୍ରିପାଠୀଙ୍କ ନାମରେ ୨୦୧୭ରେ, ଟି.କ୍ରିଷ୍ଣା, ଟି. କାଳିଆ ଓ ମନୋଜ ବିଷୋୟୀଙ୍କ ନାମରେ ୨୦୧୬ରେ ମାମଲା ରହିଛି। ଇରିଗେସନ କୋଲନୀର ଜୟ ହରିଜନ ନାମରେ ୨୦୧୦ରେ ଅପରାଧିକ ମାମଲା ଥିଲା। ସେହି ଦିନରୁ ସେମାନେ ଫେରାର ଥିଲେ। ଜୟପୁର ଟାଉନ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

# ମାସେ ହେଲାଣି ପାଣିଘେରରେ ବୈଷ୍ଣବ ବିହାରବାସୀ

- ଆଡ଼ଆଖିରେ ଦେଖୁନି ପୌରପାଳିକା
- ଘରେ ପଶୁଛି ସାପ, ବଢ଼ୁଛି ଡେଙ୍ଗୁ, ମ୍ୟାଲେରିଆ ଆଶଙ୍କା

ନବରଙ୍ଗପୁର, ୧୨।୮ (ବି.ପ୍ର.)



ରାଜ୍ୟ ସରକାର ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ଅବହେଳା ପାଇଁ ପାଣିରେ ପଡୁଛି ସରକାରୀ ଯୋଜନା। ନବରଙ୍ଗପୁର ଜିଲା ସଦର ମହକୁମା ପୌରପାଳିକା ଅଧୀନ ୧ନମ୍ବର ୱାର୍ଡସ୍ଥିତ ବୈଷ୍ଣବ ବିହାର ଯାହାକି ପୌରପାଳିକାରୁ ମାତ୍ର ୧୦୦ ମିଟର ଦୂରରେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ପୌରପାଳିକାର ଅତି ନିକଟବର୍ତ୍ତୀ କୁହାଯାଉଥିବା ୧ନମ୍ବର ୱାର୍ଡର ବୈଷ୍ଣବ ବିହାରବାସୀ ନବରଙ୍ଗପୁର ପୌରପାଳିକାର ସାବତ ପୁଅ ପାଲଟିଥିବା କହିଲେ ଭୁଲ୍ ହେବନାହିଁ। ଏହି ଅଞ୍ଚଳବାସୀ ଦୀର୍ଘ ୧ମାସରୁ ଉର୍ଦ୍ଧ୍ୱ ହେବ ପାଣି ଘେରରେ ରହିଛନ୍ତି। ବହୁବାର ପୌରସଂସ୍ଥା କାର୍ଯ୍ୟାଳୟରେ ଲିଖିତ ମୌଖିକ ଅଭିଯୋଗ କରିବା ସହିତ ବିଭାଗୀୟ କର୍ମଚାରୀଙ୍କୁ ଗୁହାରି କଲେ ମଧ୍ୟ ଅଞ୍ଚଳବାସୀଙ୍କୁ ମିଳୁନି କୌଣସି ପ୍ରକାର ସୁଫଳ।

ଦୀର୍ଘଦିନ ହେବ ଏହି ଅଞ୍ଚଳରେ ପାଣି ଜମିଯିବା ଫଳରେ ଏଠାକାର ଛୋଟ ଛୁଆ ଏବଂ ବୃଦ୍ଧ ନାନା ପ୍ରକାର ରୋଗରେ ପୀଡ଼ିତ ହେଉଛନ୍ତି। ଅଞ୍ଚଳବାସୀ ଏଭଳି ଅବସ୍ଥାରେ ଗୋଟେ ପଟେ ଡେଙ୍ଗୁ, ମ୍ୟାଲେରିଆ ଭୟରେ ରହୁଥିବାବେଳେ ବର୍ତ୍ତମାନ ଲୋକଙ୍କୁ ଘାରିଛି ସାପର ଭୟ। ପ୍ରତିଦିନ ପ୍ରତି ଘରେ ପଶୁଛି ସାପ। ପରିସ୍ଥିତି ଏମିତି ନା ଘର ଭିତରେ ଥିବା ଲୋକ ବାହାରକୁ ଯାଇ ପାରୁଛନ୍ତି ନା ବାହାର ଲୋକ ଠିକ୍ ଭାବରେ ଘରକୁ ଆସିପାରୁଛନ୍ତି। ଘରେ ସାପ ପଶିବା ଭୟରେ ଲୋକେ ରାତିରେ ଶାନ୍ତିରେ ଶୋଇ ମଧ୍ୟ ପାରୁନାହାନ୍ତି। ଏତେ ସତ୍ତ୍ୱେ ବର୍ତ୍ତମାନର ବିଭାଗୀୟ ଅଧିକାରୀଙ୍କୁ ନିଘା ନାହିଁ। ଏନେଇ ପୌର ପରିଷଦର ସାନିଟେଶନ ଏକ୍ସପର୍ଟ ମନୋଜ ଦତ୍ତଙ୍କୁ ପଚାରିବାରୁ ପାଣି ଯେଉଁ ରାସ୍ତା ଦେଇ ବାହାରକୁ ଯିବା କଥା ସେହି ରାସ୍ତା ପାଖରେ ଜଣେ ପୋଲିସ କର୍ମଚାରୀଙ୍କ ଘର ରହିଛି। ସେ ଘର ସାମ୍ନାରେ ଡ୍ରେନ୍‌କୁ ମାଟି ପକାଇ ବନ୍ଦ କରିଦେଇଛନ୍ତି। ୨୦ଦିନ ପୂର୍ବରୁ ଡ୍ରେନ୍‌ର ମାଟି କାଢି ସଫା କରିବା ପାଇଁ ତାଙ୍କୁ କୁହାଯାଇଛି। ତାହା ହେଲା କି ନାହିଁ ସେ ଆଉ ଜାଣି ନାହିଁ ବୋଲି କହିଛନ୍ତି। ଘର ସାମ୍ନା ଡ୍ରେନ୍ ମାଲିକ ସଫା କରିବେ ନା ସେ କାମ କ'ଣ ମ୍ୟୁନିସିପାଲିଟିର ବୋଲି ଓଲଟା ପ୍ରଶ୍ନ କରିଛନ୍ତି ମନୋଜ ଦତ୍ତ। ବର୍ତ୍ତମାନ ପ୍ରତ୍ୟେକ ଘର ସାମ୍ନାରେ ଡ୍ରେନ୍ ସଫା ଯଦି ଘର ମାଲିକ କରିବେ ତା'ହେଲେ ମ୍ୟୁନିସିପାଲିଟିର କାର୍ଯ୍ୟ ଆଉ କ'ଣ ରହିବ। ଆଉ ସରକାରଙ୍କ ପରିମଳ ବ୍ୟବସ୍ଥା ପାଇଁ କୋଟି କୋଟି ଟଙ୍କାର ଆବଶ୍ୟକ ରହୁଛି କେଉଁଠି। ଏହି ବିଷୟରେ ନବରଙ୍ଗପୁର ପୌରପାଳିକା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କୁ ପଚାରିବାରୁ ମୁଁ ବର୍ତ୍ତମାନ ସୁଦ୍ଧା ଏହି ସମସ୍ୟା ବିଷୟରେ ଜାଣିନାହିଁ। ମୋତେ କୌଣସି ବିଭାଗୀୟ କର୍ମଚାରୀ ମଧ୍ୟ ଜଣାଇ ନାହାନ୍ତି। ତୁରନ୍ତ ଏହିସବୁ ସମସ୍ୟାର ସମାଧାନ କରିବା ସହିତ ଅଞ୍ଚଳବାସୀଙ୍କ ଅସୁବିଧା ଦୂର କରିବେ ବୋଲି ସେ କହିଛନ୍ତି। ବର୍ତ୍ତମାନ ଘରେ ଘରେ ସାପ ପଶୁଛି ଏବଂ ଆଗକୁ ଡେଙ୍ଗୁ ଓ ମ୍ୟାଲେରିଆ ଭୀଷଣ ହେବା ଆଶଙ୍କା ରହିଛି। ଏହାର ତୁରନ୍ତ କିଛି ଗୋଟେ ସ୍ଥାୟୀ ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ଜିଲା ପ୍ରଶାସନ ତଥା ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି ବୈଷ୍ଣବବିହାର ବାସିନ୍ଦା।

# କନ୍ଦମୂଳ ଜାତୀୟ ଫସଲ ଚାଷ ତାଲିମ




ବୈଠକରେ ମଞ୍ଚାସୀନ ଅତିଥି।

କୋରାପୁଟ, ୧୨।୮ (ସ୍ୱ.ପ୍ର.)

କୃଷିବିଜ୍ଞାନ କେନ୍ଦ୍ର ସେମିଳିଗୁଡ଼ା ଓ କେନ୍ଦ୍ରୀୟ କନ୍ଦମୂଳ ପରୀକ୍ଷଣ ଅନୁଷ୍ଠାନର ମିଳିତ ସହଯୋଗରେ କନ୍ଦମୂଳ ଜାତୀୟ ଫସଲ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କନ୍ଦମୂଳ ପରୀକ୍ଷଣ ଅନୁଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ନେନ୍ଦୁଗେଲନ ଯୋଗଦେଇଥିଲେ। କନ୍ଦ ଜାତୀୟ ଫସଲର ମହତ୍ତ୍ୱ ଓ ତା'ର କିପରି ପ୍ରକ୍ରିୟାକରଣ କରିହେବ ସେ ନେଇ ଚାଷୀଙ୍କୁ ବୁଝାଇଥିଲେ। ଅନ୍ୟତମ ବକ୍ତାଭାବେ କୃଷିବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିଶ୍ୱନାଥ ସାହୁ ଯୋଗଦେଇ କୋରାପୁଟ ଜିଲାର ମାଟି ଓ ଜଳବାୟୁ କନ୍ଦ ଜାତୀୟ ଫସଲ ପାଇଁ ବେଶ୍ ଉପଯୋଗୀ ରହିଥିବାରୁ ଏହି ଅଞ୍ଚଳରେ ଅଧିକରୁ ଅଧିକ କନ୍ଦା ଜାତୀୟ ଚାଷ କରିବା ନେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। କୃଷି ପରିଦର୍ଶକ ସସ୍ମିତା ମହାପାତ୍ର ଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଚାଷୀମାନଙ୍କୁ କନ୍ଦ ଜାତୀୟ ଚାଷ ବିଷୟରେ ବୁଝାଇ ଅଧିକରୁ ଅଧିକ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋରାପୁଟ, ନନ୍ଦପୁର ଓ ସେମିଳିଗୁଡ଼ା ବ୍ଲକର ଶତାଧିକ ଚାଷୀ ଯୋଗଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ।

# ପୋଲିସ ଧରିଲା ୪୮୦ ଲିଟର ଡିଜେଲ

**ସହରରେ ଚାଲିଛି ଚୋରା ଡିଜେଲ କାରବାର**

ପଟ୍ଟାଙ୍ଗୀ, ୧୨।୮ (ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକସ୍ଥିତ ମିନି ଷ୍ଟାଡିୟମ ପରିସରରେ ଚୋରା ଡିଜେଲ କାରବରବେଳେ ପୋଲିସ ପହଞ୍ଚି ୪୮୦ ଲିଟର ଡିଜେଲ ଜବତ କରିଛି। ଏହି ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜଣେ ଡିଜେଲ ତେଲ ବ୍ୟବସାୟୀ ଓ ଠିକାଦାରଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଛି।



ଜବତ ଟ୍ରାକ୍ଟର ସହ ତେଲ ଡ୍ରମ୍।

ପ୍ରକାଶ ଯେ, ଶୁକ୍ରବାର ମିନି ଷ୍ଟାଡିୟମରେ ଉକ୍ତ ଚୋରା ଡିଜେଲ ତେଲ କାରବାର ହେଉଥିବା ପୋଲିସକୁ ପେଟ୍ରୋଲ ପମ୍ପ ମାଲିକମାନେ ଖବର ଦେଇଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ଉ କରି ଟ୍ରାକ୍ଟର ସହ ଦୁଇଟି ତେଲ ଭରି ହୋଇଥିବା ଡ୍ରମ୍ ଜବତ କରିଛି। ସେଠାରେ ଉପସ୍ଥିତ ଠିକାଦାର ଓ ବେପାରୀଙ୍କୁ ଥାନାକୁ ଆଣି ପୋଲିସ ଜବତ ତେଲର ବିଲ୍ ମାଗିଥିବା ଜଣାପଡିଛି। ବିଲ୍ ଆଣିବାକୁ ସେମାନେ ଚେଷ୍ଟା ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ, ବ୍ଲକ ସଦର ଏବଂ ମାଳିପୁଟ ପଞ୍ଚାୟତ ନିକଟରେ ପେଟ୍ରୋଲ ପମ୍ପ ରହିଛି। ସେଠାରେ ସରକାରୀ ଦର ୯୯ଟଙ୍କା ୮୭ପଇସାରେ ତେଲ ମିଳୁଛି। କିନ୍ତୁ ଚୋରା ତେଲ ବେପାରୀ ମାନେ ଲିଟର ପିଛା ୯୫ ଟଙ୍କାରେ ତେଲ ବିକ୍ରି କରୁଛନ୍ତି।




କୋରାପୁଟ ଜିଲା ଜୟପୁର ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# 'ଅଖଣ୍ଡ ଭାରତ ଅମର ରହେ' ବାର୍ତ୍ତାରେ କମ୍ପିଲା ସହର

ଜୟପୁର, ୧୨।୮ (ନି.ପ୍ର.)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅରବିନ୍ଦନଗର ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନ ଏବଂ ସମସ୍ତ ଗୁରୁମାଗୁରୁଜୀଙ୍କ ସହଯୋଗରେ ଏକ ଶୋଭାଯାତ୍ରା ଅରବିନ୍ଦନଗରରୁ ବାହାରି ୨୬ ନମ୍ବର ଜାତୀୟ ରାଜପଥ ଓ ଟ୍ରାଫିକ ଛକ ଦେଇ ସହର ପରିକ୍ରମା କରିଥିଲା। ଶିଶୁମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ସଜ୍ଜିତ ହୋଇ ଜାତୀୟ ପତାକା ଧରି ବନ୍ଦେ ମାତରମ୍, ଭାରତ ମାତା କୀ ଜୟ,ଅଖଣ୍ଡ ଭାରତ ଅମର ରହେ ଆଦି ସ୍ଲୋଗାନ ଦେଇଥିଲେ। ଜୟପୁର ଟାଉନ ଥାନା ପୋଲିସ, ସ୍କୁଲ କମିଟି ଉପସଭାପତି ରତିକାନ୍ତ ବେହେରା, ଉତ୍ସବ ପ୍ରମୁଖ ଅମିତା ମହାପାତ୍ର କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ। ଅମୃତ ମହୋତ୍ସବର ବାର୍ତ୍ତା ପ୍ରଦାନ ପାଇଁ ଶିଶୁ ଭଉଣୀମାନେ ପୋଲିସ ଭାଇଙ୍କୁ ରାଖୀ ବାନ୍ଧିଥିଲେ।

# ଜିଲା ପ୍ରଶାସନ ବାଣ୍ଟିଲା ଲକ୍ଷେ ଜାତୀୟ ପତାକା

କୋରାପୁଟ, ୧୨।୮ (ସ୍ୱ.ପ୍ର.)

ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ମାଗଣାରେ ୧ ଲକ୍ଷ ଜାତୀୟ ପତାକା ବଣ୍ଟନ କରାଯାଇଥିବା ଜିଲା ଯୋଜନା ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ସୂଚନା ଦେଇଛନ୍ତି। ଜିଲାର ଜୟପୁର, କୋରାପୁଟ, ସୁନାବେଡ଼ା ଓ କୋଟପାଡ୍ ପୌରାଞ୍ଚଳ ସମେତ ୧୪ଟି ବ୍ଲକରେ ଜିଲା ପ୍ରଶାସନ ପକ୍ଷରୁ ଏକଲକ୍ଷ ଜାତୀୟ ପତାକା ମାଗଣାରେ ପ୍ରଦାନ କରାଯାଇଛି। କୋରାପୁଟ ଜିଲାର ପ୍ରତ୍ୟେକ ଗ୍ରାମର ଘରେ ଘରେ ଜାତୀୟ ପତାକା ଲଗାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ବିଶେଷକରି ଜାତୀୟ ରାଜପଥର ଉଭୟ ପାର୍ଶ୍ୱ, ମାଓବାଦୀ ପ୍ରଭାବିତ ବ୍ଲକ ଓ ଦୁର୍ଗମ ଅଞ୍ଚଳରେ ଜାତୀୟ ପତାକା ଲଗାଇବାକୁ ପରାମର୍ଶ ଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। କଟକରୁ ୫୦ହଜାର ଜାତୀୟ ପତାକା କୋରାପୁଟ ଜିଲାରେ ଆସି ପହଞ୍ଚିବାବେଳେ ଜୟପୁରର ଜୟମା' ପୂର୍ଣ୍ଣିମା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ୫୦ ହଜାର ଜାତୀୟ ପତାକା ସିଲେଇ କରିଥିବା ଜଣାଯାଇଛି। ଜାତୀୟ ପତାକା ସିଲେଇକରି ବେଶ୍ ଖୁସିଥିବା ଜୟମା' ପୂର୍ଣ୍ଣିମା ଏସ୍‌ଏଚ୍‌ଜି ସଦସ୍ୟା ପ୍ରଭାତୀ ନାହାକ ସୂଚନା ଦେଇଛନ୍ତି। ଶନିବାରରୁ ଜିଲାରେ ପ୍ରତି ଘରେ ଘରେ ଏହି ଜାତୀୟ ପତାକା ଲଗାଯିବା କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଡ୍ରାଇଭରଙ୍କୁ ମାଡ ମାରି ଟଙ୍କା ମୋବାଇଲ ଲୁଟ, ୨ ଗିରଫ

ଜୟପୁର, ୧୨।୮ (ନି.ପ୍ର.)

ଡ୍ରାଇଭରଙ୍କୁ ମାଡ ମାରି ଟଙ୍କା ଲୁଟ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ। ସେମାନେ ହେଲେ ରାଜୁ ସାହିର ରାଜେନ୍ଦ୍ର ସାହୁ ଓ ଧୋବା ସାହିର ଗୁରୁ ନାୟକ। ଗୁରୁବାର ରାତିରେ ନବରଙ୍ଗପୁର ଜିଲା ଉମରକୋଟରୁ ଏକ ଟ୍ରକ୍ (ଓଡି-୧୦ଇ-୧୦୫୨)ରେ ବିଶାଖାପାଟଣାକୁ ମାଛ ଆଣିବାକୁ ଯାଉଥିବା ଡ୍ରାଇଭର କୁମାରେଶ ଦାସ ମଣ୍ଡଳ ଓ ଧନୁର୍ଯ୍ୟୟ ଗୌଡଙ୍କୁ ଜୟପୁର ସଦର ଥାନା ଅଧୀନ ଡିମଳା ଛକ ନିକଟରେ ଅଭିଯୁକ୍ତମାନେ ଅଟକାଇଥିଲେ। ସେମାନେ ଡ୍ରାଇଭର ମଣ୍ଡଳଙ୍କଠାରୁ ୧୫ ହଜାର ଟଙ୍କା ନେଇଯାଇଛନ୍ତି। ଏଥିସହ ୨ଟି ମୋବାଇଲ ମଧ୍ୟ ନେଇଯାଇଥିବା ଡ୍ରାଇଭର ମହାସଂଘ ସଦସ୍ୟ ଧନୁ ବେହେରା ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାଦିନ ଗ୍ରାମବାସୀ ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ଧରି ପୋଲିସକୁ ଦେଇଥିଲେ। ପୋଲିସ ତାଙ୍କୁ ପଚରାଉଚରା କରି ଗୁରୁଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଠାରୁ ୨ଟି ମୋବାଇଲ ଓ ବାଇକ ଜବତ କରାଯାଇଛି।

# ଗଞ୍ଜେଇ ବେପାରୀଙ୍କୁ କୋର୍ଟ ଚାଲାଣ

ବୈପାରୀଗୁଡ଼ା, ୧୨।୮ (ଡି.ଏନ୍.ଏ.)

ବୈପାରୀଗୁଡା ପୋଲିସ ଜଣେ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଜଗତସିଂପୁର ଜିଲା ବାଲିକୁଡା ଥାନା ଅଧୀନ ଖଲା ଗାଁର ପ୍ରକାଶ ପାଲ। ତାଙ୍କଠାରୁ ୧୪ କିଲୋ ୯ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ପୋଲିସ୍ ସୂଚନାନୁଯାୟୀ ଗୁରୁବାର ମଧ୍ୟ ରାତ୍ରିରେ ଅଭିଯୁକ୍ତ ଜଣକ ବୈପାରୀଗୁଡା ମୁଖ୍ୟ ଛକରେ ଗଞ୍ଜେଇ ମୋଟ ସହ ବସ୍‌କୁ ଅପେକ୍ଷା କରିଥିଲେ। ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ ଗିରଫ କରିଥିଲା। ପୋଲିସ କେସ୍ ନଂ ୧୭୪/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଭାରତୀୟ ଏକତା, ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ



ବୈଠକରେ ମଞ୍ଚାସୀନ ଅତିଥିମାନେ।

**ବିଭାଜନ, ବିଭୀଷିକାର ସ୍ମୃତିଚାରଣ ଦିବସ**

ନବରଙ୍ଗପୁର, ୧୨।୮ (ବି.ପ୍ର.)

ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ବିଭାଜନ ବିଭୀଷିକାର ସ୍ମୃତିଚାରଣ ଦିବସ ପାଳିତ ହୋଇଯାଇଛି। ଏଥିରେ ଇଂରାଜୀ ବିଭାଗ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଯୁବ ରେଡ୍‌କ୍ରସ୍ ସଂଯୋଜିକା ଡ. ସଂଯୁକ୍ତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ସଭାର ଅତିଥିଭାବେ ନବରଙ୍ଗପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅର୍ଥନୀତି ବିଭାଗ ଅଧ୍ୟାପିକା ସୁନୀତା ପାତ୍ର, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପାତ୍ର ଏବଂ ପ୍ରଣତି ପାତ୍ରଙ୍କ ସମେତ ମହିଳା ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପିକା ରଞ୍ଜୁସା ପ୍ରହରାଜ ଭାରତ ବିଭାଜନ ଓ ବିଭୀଷିକା ସ୍ମୃତିଚାରଣ ବିଷୟରେ ବକ୍ତବ୍ୟ ରଖିଥିଲେ। ଭାରତୀୟ ଏକତା, ଅଖଣ୍ଡତା, ସଂହତି ବର୍ଦ୍ଧନ କରିବାକୁ ଅତିଥିମାନେ ଛାତ୍ରୀମାନଙ୍କୁ ବାର୍ତ୍ତା ଦେଇଥିଲେ। ଅଧ୍ୟାପିକା ପାତ୍ର, ଏମ୍. ରୋହିଣୀ ରାଣୀ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ସୌରା ତଥା ବହୁ ସଂଖ୍ୟାରେ ଛାତ୍ରୀମାନେ ଯୋଗଦେଇଥିଲେ।

# ଜିଲାର ୪ଲକ୍ଷ ୨୨ହଜାର ଶିଶୁଙ୍କୁ ମିଳୁଛି ମାଗଣା କୃମିନାଶକ

ନବରଙ୍ଗପୁର, ୧୨।୮ (ବି.ପ୍ର.)

ଜାତୀୟ କୃମିନାଶ ଦିବସ ନବରଙ୍ଗପୁରରେ ପାଳିତ ହୋଇଯାଇଛି। ଜିଲାସ୍ତରୀୟ କାର୍ଯ୍ୟକ୍ରମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କରାଯାଇଛି। ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀପ୍ରସାଦ ବେହେରା ଓ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ( ପରିବାର କଲ୍ୟାଣ) ନୀଳମଣି ଦିଲୀପ ଚାନ୍ଦ ବେହେରା ଅତିଥିଭାବେ ମଞ୍ଚାସୀନ ଥିଲେ। ଜିଲାରେ ୧ରୁ ୧୯ ବର୍ଷ ମଧ୍ୟରେ ଥିବା ୪,୨୨,୮୨୬ ଶିଶୁଙ୍କୁ କୃମିନାଶକ (ଆଲ୍‌ବେଣ୍ଡାଜୋଲ ବଟିକା ବା ସିରାପ) ମାଗଣାରେ ଦିଆଯାଉଛି। ଜିଲାର ମୋଟ ୧୯୬୮ ବିଦ୍ୟାଳୟ ଓ ୨୩୩୦ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଏହି ଔଷଧ ଦିଆଯାଉଛି। ଏହି କାର୍ଯ୍ୟକୁ ସଫଳ ରୂପାୟନ ପାଇଁ ଜିଲାରେ ୨୦୩୮ ଅଙ୍ଗନୱାଡି, ୨୦୨୨ ଆଶା ଓ ୪୬୯ ଜଣ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହୋଇଛନ୍ତି। ଯେଉଁ ପିଲାମାନେ କୌଣସି କାରଣରୁ ଆଜି ଔଷଧ ଖାଇ ନ ଥିବେ ସେମାନଙ୍କୁ ଅଗଷ୍ଟ ୧୯ରେ ଔଷଧ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ପରିସଂଖ୍ୟାନ ଅଧିକାରୀ ଅହମ୍ମଦ ଇଜାର ଖାନ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିବାର ସ୍ୱାସ୍ଥ୍ୟ କଲ୍ୟାଣ ଅଧିକାରୀ ମଳୟ କୁମାର ତ୍ରିପାଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଗୁରୁଜୀ ଦେବେନ୍ଦ୍ର ଧାକଡ଼ଙ୍କ ସମେତ ବିଦ୍ୟାମନ୍ଦିରର ଗୁରୁମା' ଓ ଗୁରୁଜୀମାନେ ସହଯୋଗ କରିଥିଲେ।



ଜାତୀୟ କୃମିନାଶ ଦିବସ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

# ଘରେ ତ୍ରିରଙ୍ଗା ଲଗାଇବାକୁ ସଚେତନ କଲେ ଛାତ୍ରୀଛାତ୍ର

ଉମରକୋଟ /ତେନ୍ତୁଳିଖୁଣ୍ଟି/ଚନ୍ଦାହାଣ୍ଡି, ୧୨।୮ (ସ୍ୱ.ପ୍ର./ଡି.ଏନ୍.ଏ.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଘରେ ଘରେ ତ୍ରିରଙ୍ଗା ଲଗାଇବାକୁ ଆହ୍ୱାନ ଦିଆଯାଇଛି। ଏହି ଉଦ୍ଦେଶ୍ୟ ସଫଳ କରିବାକୁ ସ୍କୁଲ ପିଲାମାନେ ଲୋକମାନଙ୍କୁ ସଚେତନ କରିଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟରେ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କରାଯାଇଛି। ଡିଏନ୍‌କେ ଛକସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ପରିକ୍ରମା କରିବାବେଳେ ଆମ୍ବେଡ଼କର, ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝି, ମହାତ୍ମା ଗାନ୍ଧୀ ଓ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରା ପ୍ରାୟ ୧କି.ମି. ପର୍ଯ୍ୟନ୍ତ ଲମ୍ବିଥିଲା। ଏଥିରେ ସରସ୍ୱତୀ ଶିଶୁ ମନ୍ଦିର, କଳିଙ୍ଗ ବିଦ୍ୟାପୀଠ, ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ, ଏସ୍‌ଏସ୍ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି, ରାଇମିଂ ବାର୍ଡ ସ୍କୁଲ, ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ବିବେକାନନ୍ଦ ଭୋକେଶନାଲ ଅନୁଷ୍ଠାନ କୁସୁମଗୁଡ଼ାର ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ରାଜ୍ୟ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି କାଜାମ ମଦାନି, ପୂର୍ବତନ ନଗରପାଳ ପି. ରାବଣା ରାଓ, ସୁନୀଲ ବେହେରା, ରାମ ନାୟକ, ଅଶୋକ ପାଢ଼ୀ, ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଶୋଭାଯାତ୍ରାରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଭାଜପା ନେତା ଓ ଅଞ୍ଚଳବାସୀ।

ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଇଣ୍ଡସ୍ ପବ୍ଲିକ ସ୍କୁଲ ପିଲାମାନେ ତ୍ରିରଙ୍ଗା ପତାକା ଧରି ସ୍କୁଲରୁ ବାହାରି ଖାତିଗୁଡ଼ା ଗ୍ରାମ ଓ କଲୋନୀ ପରିକ୍ରମା କରିଥିଲେ। ଘରେ ତ୍ରିରଙ୍ଗା ପତାକା ଉଡ଼ାଇବାକୁ ପିଲାମାନେ ଲୋକଙ୍କୁ ସଚେତନ କରିଥିଲେ। ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯଶୋବନ୍ତ ବରାଳ, ରସାୟନ ବିଜ୍ଞାନ ଅଧ୍ୟାପକ ରଞ୍ଜନ ସ୍ୱାଇଁ, ଖାତିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚପଳା ଦେଈ, ସହକାରୀ ଶିକ୍ଷୟିତ୍ରୀ ମମତା ପାଣିଗ୍ରାହୀ, ସମିତି ସଭ୍ୟ ସୁଧୀର ଖୁରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଷେତ୍ରମୋହନ ହରିଜନ, ପ୍ରିୟଦର୍ଶିନୀ ସାହୁ, ଶିବାନୀ ବିଷୋୟୀ, ହିମାଂଶୁ ନାୟକ, ଧରିତ୍ରୀ ଓରାମ, ରାଜଲକ୍ଷ୍ମୀ ହେମ୍ବ୍ରମଙ୍କ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ମଧ୍ୟ ଭାଜପା ପକ୍ଷରୁ ସଚେତନତା କରାଯାଇଛି। ମଣ୍ଡଳ ସଭାପତି ପ୍ରତାପ ବାଘଙ୍କ ନେତୃତ୍ୱରେ ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରା ବାହାରିଥିଲା। ଥାନା ଏବଂ ମାଲଗାଁ ରୋଡ୍ ଦେଇ ସାହି ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମସୁନ୍ଦର ମାଝି, ଭାଜପା ନେତା ଦିଲୀପ ଦାସ, ଡମ୍ବରୁ ମାଝି, ଭୋଦେବ ବାଘ, ଅକାଳୁ ଜାଲି, ଭରତ ବାଘ, ମହିନ୍ଦ୍ର ନାୟକ,ପ୍ରଭାତ ସୁନା, ଯାଦବ ବର୍ଗତ୍ତି, ଲଳିତ ପଟେଲ, ଶୁକ୍ରୁ ନାୟକ, ଲୋଚନ କଟା, ମାନସିଂହ ଚୌହାନ, ତ୍ରିଲୋଚନ ବାଘ ପ୍ରମୁଖ ଯୋଗ ଦେଇଥିଲେ।

